# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02 February – 2025

## News Editor – Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଆର୍ଥିକ ସହାୟତା ପ୍ରଦାନ ଚଳିତ ମାସ ୮ ତାରିଖରେ ଯାଜପୁର ଜିଲ୍ଲାରୁ ଆରମ୍ଭ ହେବ
- ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପୁସ୍ତକର ନୂତନ ସଂସ୍କରଣକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ପୁରୀ ଶ୍ରୀମନ୍ଦିରରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ସହିତ ରଥକାଠ ଅନୁକୂଳ ଲାଗି ଚାଲିଛି ପ୍ରସ୍ତୁତି

ଏବଂ

- ରାଜ୍ୟର ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆସନ୍ତା ସପ୍ତାହରେ ୩ ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ଅନୁମାନ

## ସୁଭଦ୍ରା ଯୋଜନା

ଚଳିତମାସ ୮ ତାରିଖ ଦିନ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତାରାଶି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡା କହିଛନ୍ତି, ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରୁ ସୁଭଦ୍ରା  ସହାୟତାରାଶି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବ।

ଆସନ୍ତାକାଲି ଏବଂ ମଙ୍ଗଳବାର ଦିନ  ବ୍ୟାଙ୍କ ଯାଇ ଏନ୍‌ପିସିଆଇ ହିତାଧିକାରୀମାନଙ୍କର ଯାଞ୍ଚ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାର ସହାୟତାରାଶି ପାଇଛନ୍ତି। ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି।

## ମୁଖ୍ୟମନ୍ତ୍ରୀ-ବର୍ଣ୍ଣବୋଧ

ଛବିଳ ମଧୁ ବର୍ଣ୍ଣବୋଧର ରଚୟିତା ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥିରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଭୁବନେଶ୍ୱର କୃଷି ଭବନଠାରେ ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଯୋଗଦେଇ କହିଛନ୍ତି, ପୁସ୍ତକଟିରେ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ ସଂଯୋଜନା ହୋଇଛି। ଶ୍ରୀ ମାଝୀ କହିଛନ୍ତି, ଆଜିର ଦିନରେ ବର୍ଣ୍ଣବୋଧ ନୂତନ ଭାବେ ପ୍ରକାଶିତ ହେବା ମଧୁସୂଦନ ରାଓଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ମୂଳ ଲେଖାକୁ ପରିବର୍ତ୍ତନ ନ କରି ଅବିକଳ ଭାବେ ଆଜିର ଦିନରେ ଏହି ପୁସ୍ତକ ପ୍ରକାଶିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ଣ୍ଣବୋଧର ଭାଷା ଅତ୍ୟନ୍ତ ସହଜ ଓ ସରଳ। ଖୁବ୍ କମ୍ ଦିନରେ ଏହା ଓଡ଼ିଆ ପରିବାରର ଅଂଶ ପାଲଟିବା ସହ କୁନି କୁନି ପିଲାମାନଙ୍କ ପାଇଁ ଏହା ଉପାଦେୟ ସାବ୍ୟସ୍ତ ହୋଇଛି।

**- V/O -**

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଏସ୍‌ଟି ସଂଗ୍ରହ

କେନ୍ଦ୍ର ସରକାର ଗତ ମାସରେ ୧ ଲକ୍ଷ ୯୫ ହଜାର ୫୦୬ କୋଟି ଟଙ୍କାର ଦ୍ରବ୍ୟ ଓ ସେବା କର-ଜିଏସ୍‌ଟି ସଂଗ୍ରହ କରିଥିବା ଅର୍ଥ ମନ୍ତ୍ରଣାଳୟ ସୂଚନାରୁ ଜଣାପଡିଛି। ୨୦୨୪ ମସିହା ଜାନୁୟାରୀ ମାସ ତୁଳନାରେ ଚଳିତବର୍ଷ ଜାନୁୟାରୀ ମାସରେ  ୧୨ ଦଶମିକ ୩ ପ୍ରତିଶତ ଅଧିକ ଜିଏସ୍‌ଟି ଆଦାୟ ହୋଇଛି। ଅନ୍ୟପକ୍ଷରେ, ଗତ ଜାନୁୟାରୀ ମାସରେ ଓଡ଼ିଶାରୁ ୫ ହଜାର ୩୩୧ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରାଯାଇଥିବାବେଳେ ୨୦୨୪ ମସିହା ଜାନୁୟାରୀ ମାସରେ ୪ ହଜାର ୯୬୩ କୋଟି ଟଙ୍କା ରାଜ୍ୟ ସରକାର ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରିଥିଲେ।

# କେନ୍ଦ୍ରୀୟ ଅନୁଦାନ

କେନ୍ଦ୍ରୀୟ ଟିକସ ବାବଦରେ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ରେ ଓଡ଼ିଶାକୁ ଅଧିକ ୯ହଜାର ୧୭୬ କୋଟି ଟଙ୍କା ମିଳିବ । ସେହିଭଳି କେନ୍ଦ୍ରୀୟ ଅନୁଦାନ ବାବଦରେ ୬ହଜାର ୭୯୮ କୋଟି ଟଙ୍କା ରାଜ୍ୟ ପାଇବ । ଆଗାମୀ ଆର୍ଥିକ ବର୍ଷରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ୧୫ହଜାର ୯୭୪କୋଟି ଟଙ୍କା ଅଧିକ ପାଇବ ବୋଲି ବଜେଟ୍ ଅନୁଦାନରୁ ଜଣାପଡିଛି ।

## ଟଙ୍କା ଜବତ

**କଳାହାଣ୍ଡି** ଜିଲ୍ଲା ଧର୍ମଗଡ ଅଂଚଳରେ ଗତକାଲି ଡକାୟତମାନଙ୍କଠାରୁ ଜବତ ହୋଇଥିବା ୩ କୋଟି ୫୧ ଲକ୍ଷ ଟଙ୍କା ସମ୍ବନ୍ଧରେ ଦକ୍ଷିଣ-ପଶ୍ଚିମାଞ୍ଚଳ ପୁଲିସ୍ ଆଇ.ଜି. ନୀତି ଶେଖର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୮ଜଣ ଆନ୍ତଃରାଜ୍ୟ ଡକାୟତଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି। ଏତେ ପରିମାଣର ଟଙ୍କା କେଉଁଠାରୁ ଆସିଲା ତା'ର ସବିଶେଷ ତଥ୍ୟ ଅନୁସନ୍ଧାନ ପାଇଁ ଆୟକର ବିଭାଗ ତଦନ୍ତ କରିବ ବୋଲି ପୁଲିସ୍ ଆଇ.ଜି. କହିଛନ୍ତି।

# ବାରବାଟୀ ଦିନିକିଆ-ଟିକଟ ବୁକିଂ

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପାଇଁ ଆଜି ଅପରାହ୍ଣ ୪ଟାରେ ଅନ୍‌ଲାଇନ୍ ମାଧ୍ୟମରେ ଟିକଟ ବୁକିଂ ଆରମ୍ଭ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ, ନୂଆ ପାଭେଲିୟନ୍‌ର କିଛି ଟିକେଟ୍ ବୁକିଂକୁ ବାଦ୍

ଦେଲେ ଅନ୍ୟ ସମସ୍ତ ଗ୍ୟାଲେରୀର ଟିକେଟ୍ ବିକ୍ରୟ ସରିଛି । ପାଖାପାଖି ୪ ହଜାର ଟିକଟ ଅନ୍‌ଲାଇନ୍ ଜରିଆରେ ବିକ୍ରୀ ହୋଇଛି । ଅଧିକ ଦାମ୍‌ର କିଛି ଟିକେଟ୍ ବଳକା ରହିଥିବା ଜଣାପଡିଛି ।

## ଶ୍ରୀମନ୍ଦିର-ସରସ୍ୱତୀ ପୂଜା

ପବିତ୍ର ମାଘ ଶୁକ୍ଳ ପଞ୍ଚମୀରେ ହିନ୍ଦୁ ସଂସ୍କୃତି ଅନୁସାରେ ମା' ସରସ୍ୱତୀଙ୍କୁ ସିଦ୍ଧିଦାତ୍ରୀ, କଳାର ଅଧିଷ୍ଠାତ୍ରୀ ତଥା ବିଦ୍ୟାଦାୟିନୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ବସନ୍ତ ମାସର ପଞ୍ଚମୀ ତିଥିରେ ମା' ସରସ୍ୱତୀଙ୍କର ତିଥି ପଡୁଥିବା ଯୋଗୁଁ ଏହାକୁ ବସନ୍ତ ପଞ୍ଚମୀ ବା ଶ୍ରୀମପଞ୍ଚମୀ କୁହାଯାଇଥାଏ । ବସନ୍ତ ପଞ୍ଚମୀ ଉପଲକ୍ଷେ ଦେଶରେ ଶ୍ରଦ୍ଧା, ଭକ୍ତି ଓ ଧର୍ମୀୟ ଭାବନାରେ ଶ୍ରୀପଞ୍ଚମୀ ପାଳନ କରାଯାଉଛି । ସମସ୍ତ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜାର ଆୟୋଜନ କରାଯାଇଛି । ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମା'ଙ୍କୁ ପୂଜା କରାଯାଏ । ହିନ୍ଦୁ ପଞ୍ଜାଙ୍ଗ ଅନୁଯାୟୀ ଏହାକୁ ବସନ୍ତ ପଂଚମୀ ମଧ୍ୟ କୁହାଯାଏ । ହିନ୍ଦୁ ଧର୍ମ ବ୍ୟତୀତ ବୌଦ୍ଧ, ଜୈନ ଧର୍ମରେ ମଧ୍ୟ ସରସ୍ୱତୀଙ୍କର ଆରାଧନା ରହିଛି । ତିବତ୍, ଚୀନ୍ ଓ ଜାପାନ୍‌ରେ ମଧ୍ୟ ଦେବୀ ସରସ୍ୱତୀ ବୌଦ୍ଧ ଦେବୀ ଭାବେ ପୂଜା ପାଇଥାନ୍ତି ।

ପୁରୀ ଶ୍ରୀମନ୍ଦିରରେ ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଚାଲିଛି ।  ରଥଯାତ୍ରା ପାଇଁ ଆଜିଠାରୁ ପୂଜାର୍ଚ୍ଚନା ପୂର୍ବକ ରଥକାଠର ଅନୁକୂଳ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ପରମ୍ପରା

ଅନୁସାରେ ମହାପ୍ରଭୁଙ୍କ ରଥନିର୍ମାଣ ପାଇଁ ଆସିଥିବା କାଠ ମଧ୍ୟରୁ ୩ ଖଣ୍ଡ ଧଉରା କାଠ ରଥଖଳାରେ ପୂଜା କରାଯାଇଥାଏ।

## ମାଘ ବୁଡ

ମାଘ ସପ୍ତମୀ ଅବସରରେ ଆସନ୍ତା ମଙ୍ଗଳବାର ଦିନ କୋଣାର୍କ ନିକଟ ଚନ୍ଦ୍ରଭାଗା ପୁଷ୍କରିଣୀରେ ମାଘ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡ ମୁତୟନ କରାଯିବା ସହ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରମ୍ପରା ଅନୁଯାୟୀ, ମାଧିପୁରର ଶ୍ରୀତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଶ୍ରୀଐଶ୍ୱାନ୍ୟଶ୍ୱର ମହାଦେବ ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବ, ସପ୍ତମୀଦିନ ବଡିଭୋରବେଳେ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ କରିବେ। ଏହାପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ।

## ପ୍ରେସ୍‌କ୍ଲବ୍ ବାର୍ଷିକ ଉତ୍ସବ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ପ୍ରେସ୍‌କ୍ଲବ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ସମ୍ବାଦ ମାଧ୍ୟମରେ ସମାଜରେ ସମନ୍ୱୟ ରକ୍ଷା କରାଯାଇ ପାରିଲେ ଚତୁର୍ଥ ସ୍ତମ୍ଭର ଗରିମା ବଜାୟ ରହିବ। ଉତ୍ସବରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ, ସାମ୍ବାଦିକମାନେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଥାନ୍ତି।

## ଜିଆଇ ଟ୍ୟାଗ

**ଢେଙ୍କାନାଳ** ଜିଲ୍ଲାର ମହିମା ମହିଳା କୃଷି ଉତ୍ପାଦକ ସଂଘର ଉତ୍ପାଦ ମଗଜି ଲଡୁକୁ କେନ୍ଦ୍ର ସରକାର ଜିଆଇ ଟ୍ୟାଗ୍‌ର ମାନ୍ୟତା ଦେଇଛନ୍ତି। ମଗଜି ଲଡୁର

ପ୍ୟାକେଟ୍ ପ୍ରସ୍ତୁତି ସହିତ ଲଡୁକୁ ପ୍ରସ୍ତୁତ କରିବା ପାଇଁ ଉତ୍ପାଦକ ସଂଘ ନିଷ୍ପତ୍ତି ନେଇଛି ।

## କ୍ରିକେଟ

ଜୁଆଲା’ ଲାମ୍ପୁରସ୍ଥିତ ବାଇମାସ ଓଭାଲ୍ ଷ୍ଟାଡିୟମରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ବିଜୟ ହେବା ସହିତ ଦେଶକୁ ଗର୍ବିତ କରିଛି । ଝିଅମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି । ଆଜି ଫାଇନାଲ୍‌ରେ  ଭାରତ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିଅନ୍ ହୋଇଛି ।

## ବିଶ୍ୱ ଆର୍ଦ୍ରଭୂମି ଦିବସ

ଆର୍ଦ୍ରଭୂମି ଓ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି ‘ଭବିଷ୍ୟତ ପାଇଁ ଆର୍ଦ୍ରଭୂମିର ସୁରକ୍ଷା’ । ଜୈବ ବିବିଧତା, ଜଳବାୟୁ ନିୟନ୍ତ୍ରଣ ଓ ମାନବ ସମାଜ ପାଇଁ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭବିଷ୍ୟତ ପିଢ଼ିକୁ ଏହାର ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ ।  ୨୦୨୧ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାରେ ଫେବୃୟାରୀ ୨ ତାରିଖକୁ

ଆନୁଷ୍ଠାନିକ ଭାବେ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ପାଣିପାଗ

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ଉପକୂଳ ଓଡ଼ିଶା ସହିତ ଆଭ୍ୟନ୍ତରୀଣ ଅଂଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଫୁଲବାଣୀ, ବାରିପଦାକୁ ବାଦ୍ ଦେଲେ ରାଜ୍ୟର ସମସ୍ତ ପ୍ରମୁଖ ସ୍ଥାନରେ ଆଜି ଦିନର ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ଥିଲା । ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଝାରସୁଗୁଡ଼ା, ଭବାନୀପାଟନା, ପାରଳାଖେମୁଣ୍ଡି, ଟିଟିଲାଗଡ଼ର ତାପମାତ୍ରା ୩୫ଡିଗ୍ରୀରୁ ଅଧିକ ଥିଲା । ଭଦ୍ରକର ତାପମାତ୍ରା ୩୪ ଦଶମିକ ୫, ଭୁବନେଶ୍ୱରରେ ୩୪ ଦଶମିକ ୪ ଅନୁଗୁଳ ଏବଂ ସୁନ୍ଦରଗଡ଼ ୩୪ ଦଶମିକ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ ଏବଂ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡି ଅନୁଭୂତ ହେବାର ସମ୍ଭାବନା ରହିଛି ।

*******************************